# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 21 August – 2025

**************************************

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ସଦନ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ

– ସଂସଦରେ ପାରିତ ହେଲା ଅନଲାଇନ୍ ଗେମିଂର ପ୍ରସାର ଓ ନିୟନ୍ତ୍ରଣ ବିଲ୍-୨୦୨୫

- କଟକରେ ଦୁର୍ଗାପୂଜା ସମୟରେ ସ୍ବଉଚ୍ଚ ତୋରଣ ନିର୍ମାଣ ଉପରେ ହାଇକୋର୍ଟଙ୍କ କଟକଣା

– ପୂଜା ମଣ୍ଡପରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରସାର ନେଇ ପରିବହନ ବିଭାଗର ପରାମର୍ଶ

- ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ମାସ ୧୮ ତାରିଖରୁ ହେବ ଆରମ୍ଭ

ଏବଂ

- ଆସନ୍ତା ୩୧ ତାରିଖରେ ହେବାକୁ ଥିବା ସ୍ୱତନ୍ତ୍ର ଓ.ଟି.ଇ.ଟି ପରୀକ୍ଷା ସ୍ଥଗିତ

# ପାର୍ଲାମେଣ୍ଟ

ସଂସଦର ଉଭୟ ସଦନକୁ ଆଜି ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଗତ ମାସ ୨୧ ତାରିଖରେ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନ ଆଜି ଶେଷ ହୋଇଛି । ସଂସଦ ଭବନରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଏହି ଅଧିବେଶନ ଦେଶ ଏବଂ ସରକାରଙ୍କ ପାଇଁ ଅତ୍ୟନ୍ତ ଫଳପ୍ରଦ ରହିଥିଲା ।

ଲୋକସଭାରେ ଆଜି ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଅଧିବେଶନରେ ୧୪ଟି ସରକାରୀ ବିଲ୍ ଆଗତ କରାଯାଇଥିଲା ଏବଂ ମୋଟ୍ ୧୨ଟି ବିଲ୍ ପାରିତ ହୋଇଛି । ଅପରେସନ୍ ସିନ୍ଦୂର ଉପରେ ଦୁଇ ଦିନିଆ ସ୍ୱତନ୍ତ୍ର ଆଲୋଚନା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଲୋକସଭାରେ ଦେଶର ମହାକାଶ କାର୍ଯ୍ୟକ୍ରମର ସଫଳତା ଉପରେ ଏକ ବିଶେଷ ଆଲୋଚନା ମଧ୍ୟ କରାଯାଇଛି ।

ରାଜ୍ୟସଭାରେ ହଟ୍ଟଗୋଳ ମଧ୍ୟରେ ସମ୍ବିଧାନ ୧୩୦ତମ ସଂଶୋଧନ ବିଲ୍ ୨୦୨୫, କେନ୍ଦ୍ର ଶାସିତ ଅଞ୍ଚଳ ସରକାର ସଂଶୋଧନ ବିଲ୍ ୨୦୨୫, ଜାମ୍ମୁ-କାଶ୍ମୀର ପୁନର୍ଗଠନ ସଂଶୋଧନ ବିଲ୍ ୨୦୨୫କୁ ଅଧିକ ଯାଞ୍ଚ୍ ପାଇଁ ସଂସଦୀୟ ଯୁଗ୍ମ କମିଟିକୁ ପଠାଯାଇଛି । ରାଜ୍ୟସଭାରେ ୧୪ଟି ସରକାରୀ ବିଲ୍ ଗୃହିତ କିମ୍ବା ପ୍ରତ୍ୟାବର୍ତ୍ତନ କରାଯାଇଥିଲା ।

***Desk***

# ଅନ୍‌ଲାଇନ୍ ଗେମିଂ ବିଲ୍

ସଂସଦର ଉଭୟ ସଦନରେ ଅନ୍‌ଲାଇନ୍ ଗେମିଂର ପ୍ରସାର ଓ ନିୟନ୍ତ୍ରଣ ବିଲ୍-୨୦୨୫ ପାରିତ ହୋଇଯାଇଛି । ଇ-କ୍ରୀଡ଼ା ଏବଂ ଅନ୍‌ଲାଇନ୍ ସାମାଜିକ ଖେଳକୁ ଏହି ବିଲ୍ ପ୍ରୋତ୍ସାହନ ଦେଉଥିବାବେଳେ ବେଆଇନ ଆର୍ଥିକ କାରବାର, ବିଜ୍ଞାପନ ଆଦିରୁ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବ । ଏ କ୍ଷେତ୍ରରେ ରଣନୈତିକ ବିକାଶ, ନିୟାମକ ତଦାରଖ ପାଇଁ ଏକ ଅନ୍‌ଲାଇନ୍ ଗେମିଂ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା ରହିଛି ।

ଏ ସମ୍ପର୍କରେ କେନ୍ଦ୍ର ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି..

**- V/O -**

ବ୍ୟକ୍ତିବିଶେଷ, ବିଶେଷକରି ଯୁବପିଢ଼ିଙ୍କୁ ଏହି ଖେଳର ସାମାଜିକ, ଆର୍ଥିକ, ମାନସିକ ଏବଂ ଗୋପନୀୟତା ପ୍ରତିକୂଳ ପ୍ରଭାବରୁ ସୁରକ୍ଷା ପ୍ରଦାନ କରିବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ସମନ୍ୱିତ ଜାତୀୟ ସ୍ତରୀୟ ଆଇନଗତ ଢାଞ୍ଚା ପ୍ରତିଷ୍ଠା ପାଇଁ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି । ଅନ୍‌ଲାଇନ୍ ଗେମିଂରେ ବେଆଇନ ଆର୍ଥିକ କାରବାର ତଥା ଆଇନ ଉଲ୍ଲଂଘନ କ୍ଷେତ୍ରରେ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି । ଅନଲାଇନ୍ ଗେମିଂ ବିଲ ୨୦୨୫ ସମ୍ପର୍କରେ ଯାଜପୁରର ଆଇନଜୀବୀ ଉଦୟ ସାହୁ କହନ୍ତି...

**- V/O –**

***BBSR/R***

## ବିଧାନସଭା ଅଧିବେଶନ

ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନ ଆସନ୍ତା ମାସ ୧୮ ତାରିଖରୁ ଆରମ୍ଭ ହେବ। ଏହା ସେପ୍ଟେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଧାନସଭା ସଚିବାଳୟ ପକ୍ଷରୁ ସୂଚନା ମିଳିଛି। ଏହି ଅଧିବେଶନ କାଳରେ ମୋଟ ୭ଟି କାର୍ଯ୍ୟଦିବସ ରହିଛି।

***BBSR/CTC***

## ହାଇକୋର୍ଟ–ଦୁର୍ଗାପୂଜା

କଟକ ଦୁର୍ଗାପୂଜା ପ୍ରସଙ୍ଗରେ ହାଇକୋର୍ଟଙ୍କ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ସୁଉଚ୍ଚତୋରଣ, ଇଲେକ୍ଟ୍ରିକ ଗେଟ ନିର୍ମାଣ ଉପରେ ହାଇକୋର୍ଟଙ୍କ ପକ୍ଷରୁ କଟକଣା ଲଗାଯାଇଛି। ତେବେ ୬୫ ଡେସିବିଲ୍ ସାଉଣ୍ଡ ମଧ୍ୟରେ ଡିଜେ ବଜାଇବା ପାଇଁ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି।

ପାର୍ବଣ ସମୟରେ ପୂଜାମଣ୍ଡପରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଲଗେଇବା ନେଇ ପରିବହନ ବିଭାଗ ଆୟୁକ୍ତ ଅମିତାଭ ଠାକୁର ସମସ୍ତ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି।  ଦୁର୍ଘଟଣା ହ୍ରାସ ପାଇଁ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପାର୍ବଣ ଋତୁରେ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରସାର ପାଇଁ ଶ୍ରୀ ଠାକୁର ସମସ୍ତ ପୂଜା କମିଟିକୁ ଚିଠିରେ ଅନୁରୋଧ କରିଛନ୍ତି।

***BBSR/R Repeat***

## ହାତୀ ସୁରକ୍ଷା

ରାଜ୍ୟରେ ହାତୀ ସଂରକ୍ଷଣ ନେଇ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ଯୋଜନା ଲାଗୁ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଚନ୍ଦକାସ୍ଥିତ ଗୋଧିବାରିଠାରେ ଆଜି ହାତୀମାନଙ୍କ ଗବେଷଣା ପାଇଁ ସ୍ୱତନ୍ତ୍ର କେନ୍ଦ୍ର ଓ ଦୁଇଦିନିଆ ମାନବ ହାତୀ ସହବସ୍ଥାନ ଅନ୍ତର୍ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ହାତୀମାନେ ଜନବସତି ମୁହାଁ ନ ହେବା ପାଇଁ ଜଙ୍ଗଲରେ ଧାନଚାଷ ଓ ଜଳଉତ୍ସ ନିର୍ମାଣ କରାଯିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ହାତୀ କରିଡ଼ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି ବୋଲି ଶ୍ରୀ ମାଝୀ କହିଛନ୍ତି।

***Desk***

## ବିଜ୍ଞପିତ ଅଞ୍ଚଳ ପରିଷଦ

ରାଜ୍ୟରେ ଆସନ୍ତା ୩୧ ତାରିଖରେ ଆଉ ୯ଟି ନୂତନ ବିଜ୍ଞପିତ ଅଞ୍ଚଳ ପରିଷଦ ନେଇ ଘୋଷଣା ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଗତ ୧୭ ତାରିଖରେ ୧୨ଟି ନୂତନ ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

***HS***

## ସୁଲଭ ମୂଲ୍ୟରେ ଘର

ରାଜ୍ୟ ସରକାର ଖୁବ୍‌ଶୀଘ୍ର ସୁଲଭ ମୂଲ୍ୟରେ ଜନସାଧାରଣଙ୍କୁ ଘର ଯୋଗାଇ ଦେବେ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ସୁଲଭ ଗୃହ ଯୋଜନାରେ ସାଧାରଣ ଲୋକଙ୍କୁ ଏହି

ଘର ଯୋଗାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏ ନେଇ ବିଭିନ୍ନ ସ୍ଥାନରେ ବିଡିଏ ଓ ହାଉସିଂ ବୋର୍ଡ ପକ୍ଷରୁ ଘର ନିର୍ମାଣ ଜାରି ରହିଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

***CTC***

## ଓଟିଇଟି ପରୀକ୍ଷା ସ୍ଥଗିତ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓ.ଟି.ଇ.ଟି. ପରୀକ୍ଷାକୁ ପୁଣିଥରେ ସ୍ଥଗିତ ରଖାଯାଇଛି । ଏ ନେଇ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଓ.ଟି.ଇ.ଟି.ପରୀକ୍ଷା ଆସନ୍ତା ୩୧ ତାରିଖରେ ହେବା ପାଇଁ ସ୍ଥିରୀକୃତ ହୋଇଥିଲା । ବୋର୍ଡ ପକ୍ଷରୁ କୁହାଯାଇଛି, ପରୀକ୍ଷା ପାଇଁ ଖୁବ୍‌ଶୀଘ୍ର ତାରିଖ ଘୋଷଣା କରାଯିବ । ପୂର୍ବରୁ ଓ.ଟି.ଇ.ଟି. ପରୀକ୍ଷା ଗତ ଜୁଲାଇ ମାସ ୨୦ ତାରିଖରେ ମଧ୍ୟ ହେବାର ଥିଲା । ତେବେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ହେବାପରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା ।

***BBSR/R***

## କାମଧନୁ ଯୋଜନା

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଶ୍ରୀ ଆହୁଜା ଏହି ଯୋଜନାରୁ ଗୋପାଳକ ଓ କୃଷି ଉଦ୍ୟୋଗୀମାନେ ଅଧିକ ଲାଭବାନ ହେବା ସହ ଚାଷୀଙ୍କ ସଶକ୍ତୀକରଣ ଲାଗି ଯୋଜନାର ପ୍ରଭାବୀ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଇଛନ୍ତି । କାମଧେନୁ ଯୋଜନା ପାଇଁ ସରକାର ଆସନ୍ତା ୫ ବର୍ଷ ଲାଗି ୧ ହଜାର ୪୨୩ କୋଟି ୪୭ ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି ।

*Nayagarh*

## ଶ୍ରୀନୀଳମାଧବ ପୀଠ ପ୍ରକଳ୍ପ ସମୀକ୍ଷା

ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ ବଳବନ୍ତ ସିଂହ ନୟାଗଡ଼ ଜିଲ୍ଲା କଣ୍ଟିଲୋ ଗସ୍ତରେ ଆସି ମହାପ୍ରଭୁ ଶ୍ରୀନୀଳମାଧବଙ୍କ ପୀଠର ବିକାଶ କାର୍ଯ୍ୟ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଶ୍ରୀ ସିଂହ କଣ୍ଟିଲୋ ବଜାର ନିକଟରେ ବିଶ୍ରାମସ୍ଥଳୀ ଜେଟି, ପାର୍କ ନିର୍ମାଣ କରିବାକୁ କଣ୍ଟିଲୋ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଞ୍ଜିନିୟର ରାମମୋହନ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ପାଖରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲଙ୍କ ସମେତ ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ।

*Kandhamal*

## ରାଷ୍ଟ୍ରପତି ଭବନ ପରିଦର୍ଶନ

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଓ ମହାସିଂଗ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୧୦ ଜଣ ଛାତ୍ରଛାତ୍ରୀ ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନ ପରିଦର୍ଶନ କରିଛନ୍ତି। ସେମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଭାବ ଆଦାନ ପ୍ରଦାନ କରିଛନ୍ତି। ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଷ୍ଟ୍ରପତି ଭବନରେ ରକ୍ଷା ବନ୍ଧନ ଉତ୍ସବରେ ବିଭିନ୍ନ ରାଜ୍ୟରୁ ୧୦୦ ଜଣ ଛାତ୍ରଛାତ୍ରୀ ଓ ୨୦ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

*Boudh*

## ଉନ୍ନୟନ ପ୍ରକଳ୍ପର ସମୀକ୍ଷା

ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ କଣ୍ଟାମାଳ ବ୍ଲକ ବୁଲିବା ସହ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ବରଗୋଚ୍ଛା ଆବାସିକ ବିଦ୍ୟାଳୟର ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି । ବାରଗୋଚ୍ଛା ନିକଟରେ ପାନୀୟ ଜଳ ଯୋଗାଣରେ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ସେ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*Gajapati*

## ଦିନିକିଆ କର୍ମଶାଳା

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମୃର୍ତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଗଜପତି ତରଫରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପାଳିତ ଯତ୍ନ, ପରବର୍ତ୍ତୀ ଯତ୍ନ, ଅଣ ଆନୁଷ୍ଠାନିକ ଯତ୍ନ ସମ୍ପର୍କିତ ଦିନିକିଆ କର୍ମଶାଳାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ ।

*Malkangiri*

## ଗୁଳିକାଣ୍ଡ ଦିବସ

ମାଲକାନଗିରି ଜିଲ୍ଲାର ମାଥିଲିଠାରେ ସହିଦ ସ୍ମୃତି କମିଟି ପକ୍ଷରୁ ୮୩ତମ ଗୁଳିକାଣ୍ଡ ଦିବସ ପାଳିତ ହୋଇଯାଇଛି । ସହିଦ ଲକ୍ଷ୍ମଣ ନାୟକ

ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ପୁରୁଣା ସହିଦ ଭବନଠାରେ ଆୟୋଜିତ ସଭାରେ ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

*********************************